ପ୍ରେସ୍‌ନୋଟ୍

# ଅନୁଗୋଳ ଜିଲ୍ଲା ପ୍ରଶାସନ ଦ୍ୱାରା ଜିଲ୍ଲାସ୍ତରୀୟ ପୋଷଣ ମାସ ପାଳନ ।

ଅନୁଗୋଳ, ତା୨୬.୦୯: - ଅନୁଗୋଳ ଜିଲ୍ଲା ପ୍ରଶାସନ ଦ୍ୱାରା ପୋଷଣ ଅଭିଯାନ ଅନ୍ତର୍ଗତ ଷଷ୍ଠ ଜିଲ୍ଲାସ୍ତରୀୟ ପୋଷଣ ମାସ ଆଜି ପୂର୍ବାହ୍ଣରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ପାଳିତ ହୋଇଯାଇଛି । ଏଥିରେ ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡି କର୍ମୀ ଓ ଶତାଧିକ ମହିଳା ସ୍ୱୟଂ ସହାୟିକା ଦଳର ସଭ୍ୟମାନଙ୍କ ଦ୍ୱାରା ଏକ ସଚେତନାତ୍ମକ ପଦଯାତ୍ରା ଜିଲ୍ଲା ପରିକ୍ରମା କରିଥିଲା । ଏହାକୁ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପତାକା ଦେଖାଇ ଉଦଘାଟନ କରିଥିଲେ । ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏହି ଅଭିଯାନ ଗ୍ରାମ ସ୍ତରରୁ ଆରମ୍ଭ କରାଯାଇ ପଂଚାୟତ, ବ୍ଲକ ଓ ଜିଲ୍ଲା ସ୍ତରରେ ପାଳିତ ହୋଇଯାଇଛି । ଏଥିରେ ଜିଲ୍ଲାର ବିଭିନ୍ନ ଶିଶୁ ବିକାଶ ପ୍ରକଳ୍ପମାନଙ୍କ ଦ୍ୱାରା ବିଭିନ୍ନ ପୁଷ୍ଟିକର ଖାଦ୍ୟ ପଦାର୍ଥ ପ୍ରସ୍ତୁତି କରାଯାଇ ସର୍ବସାଧାରଣଙ୍କୁ ସଚେତନ କରାଇବା ପାଇଁ ପ୍ରଦର୍ଶନ କରାଯାଇଥିଲା । ଏହାପରେ ସମସ୍ତ ବର୍ଗର ଲୋକଙ୍କ ମଧ୍ୟରେ ପୁଷ୍ଟିକର ଖାଦ୍ୟର ଗୁରୁତ୍ୱକୁ ଉପଲବ୍ଧି କରାଇବା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଏକ ସଚେତନ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟତଃ ସୁପୋଷିତ ଭାରତ, ସ୍ୱାକ୍ଷର ଭାରତ, ସଶକ୍ତ ଭାରତ ପରିକଳ୍ପନା ପାଇଁ ସମସ୍ତ ଅଂଶଗ୍ରହଣକାରୀ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । କୁପୋଷଣକୁ ଦୂରକରିବା ପାଇଁ ବିଭିନ୍ନ ଅଞ୍ଚଳରେ ଏହାର ମୂଳ କାରଣଗୁଡିକୁ ଚିହ୍ନଟ କରି ତାହାର ସମାଧାନର ବାଟ ପ୍ରସ୍ତୁତି କରିବାକୁ ମତ ପ୍ରକାଶ ପାଇଥିଲା । ଏହି ଅଭିଯାନକୁ ବ୍ୟକ୍ତିଗତ ଭାବେ ପରିବାର ସ୍ତରରେ ପହଞ୍ଚାଇବାକୁ ପ୍ରୟାସ କରିବାକୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ପ୍ରଦାନ କରିଥିଲେ । ଜିଲ୍ଲା ବାଲ୍ୟବିବାହ ନିଷେଧ ସଂଯୋଜକ (ଆକ୍ସନ ଏଡ) ସନ୍ତୋଷ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ ଓ ଲୋକମାନଙ୍କ ମଧ୍ୟରେ ପୋଷଣ ସମ୍ପର୍କିତ ବ୍ୟବହାରଗତ ପରିବର୍ତନ କରାଇବା ଦିଗରେ ଗୁରୁତ୍ୱାରୋପ କରିଥିଲେ । କୁପୋଷଣକୁ ଦୂରକରିବାକୁ ହେଲେ ଜଣ ସାଧାରଣଙ୍କ ମଧ୍ୟରେ ଗୁଣାତ୍ମକ ଜ୍ଞାନ ପ୍ରଦାନ, ମନୋଭାବ ପରିବର୍ତନ ଓ ଅଭ୍ୟାସ କରାଇବା ମୁଖ୍ୟ ଗୁରୁତ୍ୱ ବହନ କରିବ ବୋଲି ମତ ପ୍ରକାଶ କରିଥିଲେ । ଏହି କାର୍ଯକ୍ରମକୁ ଜିଲ୍ଲା ମମତା ସଂଯୋଜକ ତାପଜ ପାଣି, ଜିଲ୍ଲା ସୁରକ୍ଷା ଅଧିକାରୀ ପୌର୍ଣ୍ଣମାସୀ ରଥ ଓ ଜିଲ୍ଲା ପୋଷଣ ସଂଯୋଜକ ବିଦ୍ୟାଧର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୪୬୪ ତା.୨୬.୦୯.୨୦୨୩

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ

OPPO Reno7 5G
DIPRO ANGL | 2023.09.26 17:30


DISTRICT LEVEL
ELEBRATION OF 6TH RASHTRIYA POSHAN MAAH
(ସୁପୋଷିତ ଭାରତ, ସାକ୍ଷର ଭାରତ, ସଶକ୍ତ ଭାରତ)
Date- 26.09.2023
Organized by : DISTRICT SOCIAL WELFARE OFFICE, ANGUL
DISTRICT ADMINISTRATION, ANGUL
OPPO Reno7 5G
DIPRO ANGL | 2023.09.26 11:09




LAUNCHING OF
RASHTRIYA POSHAN
Venue- Conference Hall, Collectorate,
Organized by : DISTRICT SOCIAL WELFARE OFFICE,